# ତହସିଲ କାର୍ଯ୍ୟାଳୟ, ତରଭା,ଜିଲ୍ଲା-ସୁବର୍ଣ୍ଣପୁର

( ଦୀର୍ଘ ମିଆଦି ଲଘୁ ଖଣିଜ ଲିଜ ନିମନ୍ତେ ନିଲାମ ଇସ୍ତାହାର )

ସଂଖ୍ୟା : 2317 ତା . 13.08.2020

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ , ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ସୁବର୍ଣ୍ଣପୁର ଜିଲ୍ଲାର ତରଭା ତହସିଲ ଅନ୍ତର୍ଗତ ନିମ୍ନ ବର୍ଣ୍ଣିତ ସଏରାତ ଉତ୍ସ ଗୁଡିକ (ଲଘୁଖଣିଜ) ଆଗାମୀ ( ୨୦୨୦ – ୨୦୨୧ ଠାରୁ ୨୦୨୪-୨୦୨୫) ପାଞ୍ଚ ବର୍ଷ ପାଇଁ ଦୀର୍ଘ ମିଆଦି ଲିଜ ସୂତ୍ରେ ଲିଜ ନେବା ପାଇଁ ଉଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ଜନିତ OMMC rule 2016 ରେ ନିର୍ଦ୍ଧାରିତ ଦରଖାସ୍ତ ଫରମ (FORM-M) ପୂରଣ କରି ଏହାର ତିନି କିତା ନକଲ ସହ ନିମ୍ନ ଲିଖିତ ଆବଶ୍ୟକୀୟ ଦସ୍ତାବେଜ ସଂଲଗ୍ନ କରି ଜଉମୁଦ ଲଫାପା (sealed covered ) ମଲାଟରେ ଉତ୍ସ ର ନାମ ଲେଖା ଥାଇ ରହସିଲଦାର ତରଭା ଙ୍କ କାର୍ଯ୍ୟାଳୟରେ ଥିବା ଜଉମୁଦ ବାକ୍ସରେ ଆସନ୍ତା ତା: ୧୭.୦୮.୨୦୨୦ ଠାରୁ ୦୩.୦୯.୨୦୨୦ (ଅପରାହ୍ନ ୫.୦୦ ଘଟିକା) ମଧରେ କାର୍ଯ୍ୟ ଦିବସ ମାନଙ୍କରେ (ଛୁଟି ଦିନ ବ୍ୟତୀତ) ଆବେଦନ ପତ୍ର ଦାଖଲ କରିପାରିବେ । ଲିଜ୍ ଦରଖାସ୍ତକରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧି ଙ୍କ ଉପସ୍ଥିତି ରେ ତା ୦୪.୦୯.୨୦୨୦ ଦିବା ୧୧ ଘଟିକା ସମୟ ରେ ଏହି କାର୍ଯ୍ୟଳୟ ରେ ଜଉମୁଦ ଦିଆ ବାକ୍ସ ଖୋଲାଯିବ ଏବଂ ସର୍ବୋଚ୍ଚ ଦେୟ ରାଶି ପ୍ରଦତ୍ତ ନିଲାମ ଧାରୀଙ୍କୁ ଲିଜ ପାଇଁ ଯୋଗ୍ୟ ଚୟନ କରାଯିବ । ଅସମ୍ପୂର୍ଣ ଆବେଦନ ପତ୍ର ଗ୍ରହଣ ଯୋଗ୍ୟ ହେବ ନାହିଁ ।

ଏହି ଦିନ ଯେଉଁ ଉତ୍ସ ଗୁଡିକରେ ଯୋଗ୍ୟ ଲିଜ ଧାରୀ ଚୟନ କରାଯାଇ ପାରିବ ନାହିଁ ସେହି ଉତ୍ସ ଗୁଡିକୁ ଦ୍ୱିତୀୟ ଥର ପାଇଁ ତା଼.୦୫.୦୯.୨୦୨୦ ରୁ ୧୪.୦୯.୨୦୨୦ ଏବଂ ତୃତୀୟ ଥର ପାଇଁ ତା଼.୧୬.୦୯.୨୦୨୦ ରୁ ୨୩.୦୯.୨୦୨୦ (ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ) ଦରଖାସ୍ତ ଗ୍ରହଣ କରାଯିବ ଏବଂ ଯଥାକ୍ରମେ ତତ ପର ଦିନ ମାନଙ୍କରେ ଯଥା ୧୫.୦୯.୨୦୨୦ ଓ ୨୪.୦୯.୨୦୨୦ ଦିବା ୧୧ ଘଟିକା ସମୟ ରେ ଏହି କାର୍ଯ୍ୟଳୟ ରେ ଜଉମୁଦ ଦିଆ ବାକ୍ସ ଖୋଲାଯାଇ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ ।

କୌଣସି କ୍ଷେତ୍ର ରେ ଆବେଦନକାରି ଙ୍କ ଦ୍ୱାରା ପ୍ରଦତ୍ତ ଲଘୁ ଖଣିଜ ଦ୍ରବ୍ୟର ଅତିରିକ୍ତ ଦେୟ ରାଶି , ରୟଲଟି ର ଶତକଡା ୫ ଭାଗ ରୁ କମ ହୋଇପାରିବ ନାହିଁ । ଆବେଦନକାରି ଙ୍କ ଦ୍ୱାରା ମୂଲ୍ୟାଙ୍କିତ ସର୍ବୋଚ୍ଚ ଅତିରିକ୍ତ ଦେୟ ରାଶି ଭିତ୍ତିରେ ଲିଜଧାରୀ ଚୟନ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ଅତିରିକ୍ତ ଦେୟରାଶି ଦର୍ଶାଇଥିଲେ ଲଟେରୀ ମାଧମରେ ଯୋଗ୍ୟ ନିଲାମଧାରୀ ସ୍ଥିର କରାଯିବ । ଇସ୍ତାହାର ସମନ୍ଧୀୟ ସମସ୍ତ ସବିଶେଷ ବିବରଣୀ ତହସିଲଦାର ତରଭା ଓ ଏହି ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରିକ୍ଷକ ଙ୍କ କାର୍ଯ୍ୟଳୟ ଏବଂ ସୁବର୍ଣ୍ଣପୁର ଜିଲ୍ଲା web www.subarnapur.nic.in ରେ ଉପଲବ୍ଧ ହେବ । ଅବଶ୍ୟକସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତୃପକ୍ଷ ନିଲାମ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ ।

ତହସିଲଦାର ,ତରଭା

Scanned with CamScanner

## ଦରଖାସ୍ତ ସମନ୍ଧୀୟ ଅବଶ୍ୟକୀୟ କାଗଜାତ

୧. ଦରଖାସ୍ତକାରୀ ତିନିକିତା ଦରଖାସ୍ତ (Form-M) ଦାଖଲ କରିବେ ଓ ଏଥିସହିତ ନିମ୍ନ ସମସ୍ତ କାଗଜାତକୁ ଏକ ବଡ ଲଫାପାରେ ଭର୍ତ୍ତିକରିବେ । ଉକ୍ତ ଲଫାପା ଉପରେ ସ୍ପଷ୍ଟଭାବରେ ସୈରାତ ଉତ୍ସର ନାମ, ଦରଖାସ୍ତକାରୀଙ୍କ ନାମ ଓ ଠିକଣା ସହିତ ମୋବାଇଲ ନମ୍ବର ଦେବେ ।

୨ ଦରଖାସ୍ତ ପାଉଣା ବାବଦ କୁ ଟ ୧୦୦୦/- (ଏକ ହଜାର ମାତ୍ର ) ଅଣ ଫେରସ୍ତ ରାଶିର ଟ୍ରେଜେରୀ ଚାଲାଣ ଦାଖଲ କରିବେ ।

**(Demand No. "0853-non ferrous Mining and Matallurgical-102-Miniral Concession Fees, Rent and Royalties-0217-receipt under Orissa minor minerals concession fees(new)-02021-collection of fees, rents & royalties(new)".**

୩. ଯେକୌଣସି ସ୍ଥାନର ମାଇନିଙ୍ଗ ଦେୟ ବକେୟା ନଥିବା ସମନ୍ଧେ ଏକ ସତ୍ୟପାଠ ଦାଖଲ କରିବେ ।

୪. ପ୍ରସ୍ତାବିତ ଉତ୍ସ ର ଚୌହଦୀର ସମ୍ପୂର୍ଣ୍ଣ ବିବରଣୀ (ଉତ୍ସ କୁ ପରିଦର୍ଶନ କରି ତହସିଲ ନକ୍ସା ସହ ମେଳ କରି ଦରଖାସ୍ତ ସହ ଦାଖଲ କରିବେ ।

୫. ଦରଖାସ୍ତ ସହିତ ଅମାନତ ରାଶି ବାବଦକୁ ଉକ୍ତ ସୈରାତ ଉତ୍ସର ମୋଟ ବାର୍ଷିକ ଦେୟର ପାଞ୍ଚ ପ୍ରତିଶତ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ତହସିଲଦାର, ତରଭାଙ୍କ ନାମରେ (payble at Tarbha) ପ୍ରଦାନ କରିବେ ।
[EMD i.e. 5 % of MGQ X (Royalty+ Addl.Charges)]

୬. ବାଙ୍କ ଗ୍ୟାରେଣ୍ଟି ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ (MGQ X (Royalty + Addl.Charges) ଠାରୁ ଅଧିକ ହୋଇଥିବା। [ଏହା ଆବେଦନକାରୀଙ୍କ ଦ୍ୱାରା ପ୍ରଦତ୍ତ ଅତିରିକ୍ତ ଦେୟ(Addl.Charges) ଅନୁଯାଇ ଦାଖଲ କରିବେ ଓ ଏହାର ଅବଧି ୧୮ ମାସ ରୁ କମ ନ ଥିବ ।]

୭. ଆୟ କର ସମ୍ପର୍କିତ ନିକାସି ପ୍ରମାଣ ପତ୍ର (Income-Tax Clearance Certificate) କିମ୍ବା Assessment year ର IT return ର ନକଲ ଦାଖଲ କରିବେ ।

୮. ଦରଖାସ୍ତ କାରୀ ଆଧାର କାର୍ଡ ଓ ପାନ କାଡ ର ନକଲ ଦାଖଲ କରିବେ ।

13/08/2020

ତହସିଲଦାର ,ତରଭା

Scanned with CamScanner

| ତରଭା ତହସିଲ ରେ ନିଲାମ ହେବାକୁ ଥିବା ଲଘୁ ଖଣିଜ ଗୁଡିକ ର ସମ୍ପୂର୍ଣ ବିବରଣୀ (2020) | | | | | | | | | | |
|---|---|---|---|---|---|---|---|---|---|---|
| କ୍ରମିକ ସଂଖ୍ୟା | ଉସ୍ତ ର ନାମ | ମାମଲା ସଂଖ୍ୟା | ଖାତା ନଂ | ପ୍ଲଟ ନଂ | କିସମ | ରକବା ଏକର | ରୟାଲଟି | ଅତିରିକ୍ତ ଦେୟ | MGQ ଅନୁଯାଇ ବାର୍ଷିକ ଧାର୍ଯ୍ୟ ପରିମାଣ | EMD ଅଗ୍ରୀମ ଦାଖଲ କରିବା ଅମାନତ ରାଶିର ପରିମାଣ |
| ୧ | ଅର୍ଡା (ମେଣ୍ଡା ) ବାଲି ଖଦାନ | 26/2015 | 372 | 2557 | ନାଳ | 15.000 | 35.00 | 2.00 | 3000 | 5550.00 |
| ୨ | ବଡତେଣ୍ଡା ବାଲି ଖଦାନ | 4/2019 | 24 | 194 | ନଦୀ (ତେଲ ) | 10.500 | 35.00 | 2.00 | 3000 | 5550.00 |

ପରିପତ୍ର ସଂଖ୍ୟା॰ 2318 ତାରିଖ॰ 13.08.2020

ଏହାର ଏକ କିତା ନକଲ ତହସିଲଦାର ଙ୍କ ନୋଟିସ ବୋର୍ଡ / ସମସ୍ତ ରାଜସ୍ୱ ନିରିକ୍ଷକ / ସମସ୍ତ ଗ୍ରାମ ପଞ୍ଚୟତ କାର୍ଯ୍ୟଳୟ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

13/08/2020

ତହସିଲଦାର ,ତରଭା

ପରିପତ୍ର ସଂଖ୍ୟା 2319 ତାରିଖ ॰ 13.08.2020

ଏହାର ଏକ କିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ ,ତରଭା / ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ,ତରଭା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

13/08/2020

ତହସିଲଦାର ,ତରଭା

ପରିପତ୍ର ସଂଖ୍ୟା॰ 2320 ତାରିଖ॰ 13.08.2020

ଏହାର ଏକ କିତା ନକଲ ଜିଲ୍ଲାପାଳ ,ସୁବର୍ଣ୍ଣପୁର / ଉପ - ଜିଲ୍ଲାପାଳ ,ସୋନପୁର ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା

13/08/2020

ତହସିଲଦାର ,ତରଭା

ପରିପତ୍ର ସଂଖ୍ୟା ॰ 2321 ତାରିଖ 13.08.2020

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (NIC) ଙ୍କ ଅବଗତି ତଥା ଇସ୍ତାହାର ର ନକଲ ସହ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଜିଲ୍ଲା web www.subarnapur.nic.in ରେ ଜନ ସାଧାରଣ ଙ୍କ ସୂଚନା ନିମନ୍ତେ ପ୍ରଦର୍ଶିତ କରିବେ ।

13/08/2020

ତହସିଲଦାର ,ତରଭା

Scanned with CamScanner